# NATIONAL NEWS BULLETIN (ODIA)

## 24 March - 2026

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ଓ ଭାରତର ସ୍ଥିତି ଉପରେ ଆଜି ରାଜ୍ୟସଭାରେ ବକ୍ତବ୍ୟ ରଖିବେ ପ୍ରଧାନମନ୍ତ୍ରୀ ।

- ହିନ୍ଦୁ, ଶିଖ ଏବଂ ବୌଦ୍ଧ ଧର୍ମର ବ୍ୟକ୍ତିବିଶେଷ କେବଳ ଅନୁସୂଚିତ ଜାତିର ମାନ୍ୟତା ଦାବି କରିପାରିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ।

- ଚଳିତବର୍ଷ ରେଳସେବା କ୍ଷେତ୍ରରେ ୫୨ ସପ୍ତାହରେ ୫୨ଟି ସଂସ୍କାରମୂଳକ ସମାଧାନ କରାଯିବା ନେଇ ରେଳମନ୍ତ୍ରୀଙ୍କ ଘୋଷଣା ।

ଏବଂ

- ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଯକ୍ଷ୍ମା ଦିବସ ।

\- ଯକ୍ଷ୍ମା ଦୂର କରି ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ ।

---

# ଆର୍‌ଏସ୍-ଓ୍ୱେଷ୍ଟ ଏସିଆ

ପଶ୍ଚିମ ଏସିଆ ସଂଘର୍ଷ ଓ ଏନେଇ ଭାରତର ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ରାଜ୍ୟସଭାରେ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ରହିଛି । ଗତକାଲି ପ୍ରଧାନମନ୍ତ୍ରୀ ଏନେଇ ଲୋକସଭାରେ ନାଗରିକଙ୍କ ସୁରକ୍ଷା ପ୍ରସଙ୍ଗରେ ଅବଗତ କରାଇବା ସହ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ପଶ୍ଚିମ ଏସିଆରେ ଉପୁଜିଥିବା ପରିସ୍ଥିତି ପରିପ୍ରେକ୍ଷୀରେ କୂଟନୈତିକ ଯୋଗାଯୋଗ, କ୍ଷତ୍ରିୟ ସ୍ଥିରତା ପ୍ରତି ଥିବା ବିପଦ ଓ ବୈଶ୍ୱିକ ଶକ୍ତି ଉପରେ ପ୍ରଭାବ ସଂକ୍ରାନ୍ତ ବିଷୟ ନେଇ ଆଲୋଚନା କରିଥିଲେ । ସେ କହିଥିଲେ ଏଭଳି ସମସ୍ୟାର ସମାଧାନ ପାଇଁ ଉତ୍ତମ ଆଲୋଚନା, କୂଟନୈତିକ ଯୋଗାଯୋଗ ଏପରିକି ମାନବତାର ସ୍ୱାର୍ଥରକ୍ଷା ଲାଗି ଭାରତ ସର୍ବଦା ଶାନ୍ତି ଉପରେ ଗୁରୁତ୍ୱ ଦେଇ ଆସିଛି ।

**V/O**

ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ସରକାର ପେଟ୍ରୋଲ, ଡିଜେଲ, ତୈଳ, ଗ୍ୟାସ୍ ଓ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଉପରେ ସୁନିଶ୍ଚିତ ପଦକ୍ଷେପ ନେଉଛନ୍ତି । ବିଗତ ୧୧ ବର୍ଷ ମଧ୍ୟରେ ଭାରତ ଶକ୍ତି ଆମଦାନୀ ଉତ୍ସକୁ ୨୭ଟି ରାଷ୍ଟ୍ରରୁ ବୃଦ୍ଧି କରି ୪୧ ରାଷ୍ଟ୍ରରେ ପହଞ୍ଚାଇପାରିଛି, ଯଦ୍ୱାରା କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ନିର୍ଭରତାକୁ କମାଇବାରେ ଏହା ସହାୟକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଏସ୍‌ସି-ସିଡୁ୍ୟଲ୍ଡ୍ କାଷ୍ଟ ଷ୍ଟାଟସ

ଭାରତରେ ଥିବା ହିନ୍ଦୁ, ଶିଖ ଏବଂ ବୌଦ୍ଧ ଧର୍ମର ବ୍ୟକ୍ତିମାନେ କେବଳ କେବଳ ଅନୁସୂଚିତ ଜାତିର ମାନ୍ୟତା ଦାବି କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଖ୍ରୀଷ୍ଟିୟାନ ଭଳି ଅନ୍ୟ ଯେକୌଣସି ଧର୍ମକୁ ଯଦି ପରିବର୍ତ୍ତନ କରାଯାଇଥାଏ ସେ କ୍ଷେତ୍ରରେ ଅନୁସୂଚିତ ଜାତିର ମାନ୍ୟତା ହରାଇବାକୁ ପଡିବ ।

ଆନ୍ଧ୍ରପ୍ରଦେଶ ହାଇକୋର୍ଟର ଏକ ଆଦେଶକୁ ବଜାୟ ରଖି ସୁପ୍ରିମକୋର୍ଟ କହିଛନ୍ତି ଯଦି ଜଣେ ବ୍ୟକ୍ତି ଖ୍ରୀଷ୍ଟିୟାନ ଧର୍ମକୁ ପରିବର୍ତ୍ତନ ହୋଇଥାନ୍ତି ଏବଂ ସକ୍ରିୟ ଭାବରେ ସେହି ଧର୍ମକୁ ସ୍ୱୀକାର କରିଥାନ୍ତି ତେବେ ସେ ଅନୁସୂଚିତ ଜାତି ମାନ୍ୟତା ବଜାୟ ରଖିପାରିବେ ନାହିଁ । ବିଚାରପତି ଜଷ୍ଟିସ ପି.କେ.ମିଶ୍ର ଏବଂ ଜଷ୍ଟିସ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଜଣେ ଦଳିତ ବ୍ୟକ୍ତି ଯଦି ଖ୍ରୀଷ୍ଟିୟାନ ଧର୍ମକୁ ଧର୍ମାନ୍ତରିତ ହୁଅନ୍ତି ସେ ଅନୁସୂଚିତ ଜାତି ଏବଂ ଜନଜାତି ଅତ୍ୟାଚାର ନିବାରଣ ଆଇନ୍ ଅନୁଯାୟୀ ସୁରକ୍ଷା ଦାବି କରିପାରିବେ ନାହିଁ । କୋର୍ଟ କହିଛନ୍ତି ସମ୍ବିଧାନର ଅନୁସୂଚିତ ଜାତି ସମ୍ପର୍କିତ ୧୯୫୦ର ଆଇନ୍ ଅନୁଯାୟୀ ସ୍ପଷ୍ଟଭାବେ ପ୍ରତିବନ୍ଧକ ଜାରି କରାଯାଇଛି । ୧୯୫୦ର ଆଇନ୍‌ର ଧାରା-୩ ଅନୁଯାୟୀ ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ ଯେକୌଣସି ଧର୍ମକୁ ଗ୍ରହଣ କରୁଥିବା ବ୍ୟକ୍ତି ଅନୁସୂଚିତ ଜାତିର ମାନ୍ୟତା ପାଇପାରିବେ ନାହିଁ ।

# ବୈଷ୍ଣବ ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳସେବା କ୍ଷେତ୍ରରେ ୫ଟି ସଂସ୍କାର ବିଷୟରେ ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଏହି ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଚଳିତବର୍ଷ ୫୨ଟି ସପ୍ତାହରେ ୫୨ଟି ସଂସ୍କାରମୂଳକ ସମାଧାନ କରାଯିବ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଟିକଟ ବାତିଲ ଓ ଦେୟଫେରସ୍ତ ନିୟମ, ଟ୍ରେନ୍ ବୋର୍ଡିଂରେ ପରିବର୍ତ୍ତନ, ପରିବହନ, ଗାଡ଼ି ମୋଟର ପରିବହନ ଏବଂ ଉନ୍ନମାନର ନିର୍ମାଣ ଭଳି ସଂସ୍କାରମୂଳକ ପଦକ୍ଷେପ ହାତକୁ ନିଆଯାଇଛି । ଟିକଟ ବାତିଲ କରିବା ଏବଂ ଦେୟ ଫେରସ୍ତ ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି ଟ୍ରେନ୍ ଯାତ୍ରା ଆରମ୍ଭ କରିବାର ୭୨ଘଣ୍ଟା ପୂର୍ବରୁ ଟିକଟ ବାତିଲ କଲେ ଯାତ୍ରୀମାନଙ୍କୁ ଅଳ୍ପକିଛି ଅର୍ଥ ବାଦ୍ ଦେଇ ବଳକା ଅର୍ଥ ଫେରସ୍ତ କରାଯିବ । ସେ କହିଛନ୍ତି ୭୨ଘଣ୍ଟା ପୂର୍ବରୁ ଏବଂ ୨୪ଘଣ୍ଟା ପର୍ଯ୍ୟନ୍ତ ଯଦି ଟିକଟ ବାତିଲ କରାଯାଏ ତେବେ ମୋଟ୍ ଭଡ଼ାର ୨୫ ପ୍ରତିଶତ କଟାଯିବ । ତେବେ ୮ଘଣ୍ଟାରୁ ୨୪ଘଣ୍ଟା ମଧ୍ୟରେ ବାତିଲ କରାଯାଉଥିବା ଟିକଟ ଗୁଡ଼ିକ ପାଇଁ ୫୦ ପ୍ରତିଶତ ଭଡ଼ା ଫେରସ୍ତ କରାଯିବ । ଟ୍ରେନ୍ ଛାଡିବାର ୮ ଘଣ୍ଟା ମଧ୍ୟରେ ଟିକଟ ବାତିଲ ହୋଇଥିଲେ କୌଣସି ଫେରସ୍ତ ଅର୍ଥ ମିଳିବ ନାହିଁ ।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ରେଳବାଇ କାଉଣ୍ଟରରୁ ଯେଉଁ ଟିକଟ କରାଯାଇଥିବ ତାହା ଦେଶର ଯେକୌଣସି ରେଳ କାଉଣ୍ଟରରେ ବାତିଲ ପାଇଁ ଉପସ୍ଥାପନ କରାଯାଇପାରିବ ।

ଶ୍ରୀ ବୈଷ୍ଣବ କହିଛନ୍ତି ଏଣିକି ଯାତ୍ରୀମାନେ ଟ୍ରେନ୍ ଛାଡିବାର ୩୦ ମିନିଟ୍ ପୂର୍ବରୁ ସେ କେଉଁ ରେଳ ଷ୍ଟେସନରୁ ଟ୍ରେନ୍‌ରେ ଚଢ଼ିବେ ତାହା ପରିବର୍ତ୍ତନ କରିପାରିବେ । ସେ କହିଛନ୍ତି ଚାର୍ଟ ପ୍ରସ୍ତୁତ ହେବା ପୂର୍ବରୁ ଷ୍ଟେସନ ପରିବର୍ତ୍ତନ ସମ୍ଭବ ହେଉଥିବାବେଳେ ଏବେ ସେଥିରେ ପରିବର୍ତ୍ତନ କରାଯାଇଛି ।

## ଯକ୍ଷ୍ମା ଡେ

ଯକ୍ଷ୍ମାରୋଗର କାରଣ, ଏହାର ନିରାକରଣ ଏବଂ ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଡୁଥିବା ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଉଛି । ଏହି ରୋଗର ମୂଳୋତ୍ପାଟନ ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ୧୮୮୨ ମସିହାରେ ଡକ୍ଟର ରବର୍ଟ୍ କୋଚ୍‌ଙ୍କ ଯକ୍ଷ୍ମା ଜୀବାଣୁ ଆବିଷ୍କାରର ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି – "ଆମେ ଯକ୍ଷ୍ମାର ମୂଳୋତ୍ପାଟନ କରିପାରିବୁ" ।

ଏହି ଦିବସଗୁଡ଼ିକର ଅବ୍ୟବହିତ ପୂର୍ବରୁ ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ ଯକ୍ଷ୍ମା ରୋଗର ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ରୋଗ ଚିହ୍ନଟ, ମାଗଣା ଚିକିତ୍ସା ଏବଂ ପୁଷ୍ଟିକର ସହାୟତା ପଦକ୍ଷେପ ଦ୍ୱାରା ରୋଗି ସେବାରେ

ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ଯକ୍ଷ୍ମାମୁକ୍ତ ଭାରତ ଗଠନ ନେଇ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଦେଶରୁ ଯକ୍ଷ୍ମା ଦୂର କରିବା ପାଇଁ ଏବଂ ସବୁଠାରୁ ଦୁର୍ବଳ ଲୋକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଲାଗି ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି ଭାରତ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଯକ୍ଷ୍ମା ରୋଗ ଚିହ୍ନଟ, ପ୍ରତିରୋଧ, ନିରାକରଣ ଏବଂ ଚିକିତ୍ସା କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିବା ଶ୍ରୀ ନଡ୍ଡା କହିଛନ୍ତି । ଆଜି ଦିବସର ବାର୍ତ୍ତା ଯକ୍ଷ୍ମାମୁକ୍ତ ଭବିଷ୍ୟତ ପ୍ରତି ପ୍ରତିବଦ୍ଧତା ଓ ବିଶ୍ୱାସକୁ ପ୍ରତିଫଳିତ କରେ ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଦେଶର ସ୍ୱାସ୍ଥ୍ୟକର୍ମୀଙ୍କ ଅକ୍ଲାନ୍ତ ସେବା ଓ ଯତ୍ନ ପାଇଁ କୃତଜ୍ଞତା ପ୍ରକାଶ ପୂର୍ବକ ସୁସ୍ଥ ଏବଂ ସଶକ୍ତ ରାଷ୍ଟ୍ର ଗଠନ ଦିଗରେ ସମସ୍ତେ କାମ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

## ଲୋକସଭା-କୋ ଅପରେଟିଭ ସେକ୍ଟର

କେନ୍ଦ୍ର ସରକାର ଗତ ୫ ବର୍ଷ ମଧ୍ୟରେ ଦେଶର ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ନିମନ୍ତେ ୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଆଜି

ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଶନ ପାଲ୍ ଗୁଜର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ୧୯୬୩ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୫୧ ବର୍ଷ ଧରି ଦେଶର ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ଲାଗି କେବଳ ୫୦ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଶ୍ରୀ ପାଲ୍ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର କୃଷକମାନଙ୍କ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି । ପ୍ରଥମଥର ପାଇଁ ସମବାୟ ଚିନି କାରଖାନା ସ୍ଥାପନ କରିବା ଲାଗି ଯୋଜନା ପ୍ରଣୟନ କରାଯାଇଛି ଏବଂ ସେଥିରେ ୧୦ହଜାର କୋଟି ଟଙ୍କା ନିବେଶ ଲାଗି ପ୍ରସ୍ତାବ ରହିଛି ।

## ନୀତିନ ଗଡକରୀ-ଏନ୍ଏଚ୍ଏଆଇ

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକଙ୍କ ମଙ୍ଗଳ ପାଇଁ ସରକାରୀ ସମ୍ପତ୍ତିର ବିକେନ୍ଦ୍ରୀକରଣ ଓ ମୁଦ୍ରିକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି । ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଆଜି ପଞ୍ଜିକୃତ ହୋଇଥିବା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ - ଏନ୍ଏଚ୍ଏଆଇ ପ୍ରାୟୋଜିତ ରାଜମାର୍ଗ ଇମ୍ପ୍ରା ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟର ଶୁଭାରମ୍ଭ କରି ଶ୍ରୀ ଗଡକରୀ ଏହା କହିଛନ୍ତି । ରାଜମାର୍ଗ ଇମ୍ପ୍ରା ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ ପ୍ରତି ନିବେଶକଙ୍କର ଆଗ୍ରହ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି । ଏହି

କାର୍ଯ୍ୟକ୍ରମ ଅବସରରେ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଆସିବା ପରଠାରୁ ବିଭିନ୍ନ ଭିତ୍ତିଭୂମି ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇ ଆସୁଛି । ସରକାରଙ୍କ ପ୍ରଥମ ଶାସନ କାଳରେ ୩ଲକ୍ଷ କୋଟି ଟଙ୍କା ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପ ଲାଭଦାୟକ ହୋଇଥିବାବେଳେ ନିବେଶକମାନଙ୍କୁ ପୁଞ୍ଜିନିବେଶ କରିବାରେ ବେଶ୍ ସଫଳତା ଆଣିଦେଇଛି ।

ଏବେ ସେହି ପରିସ୍ଥିତିରେ ଅନେକ ଉନ୍ନତି ଘଟିଛି, ଫଳରେ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ଭିତ୍ତିଭୂମି ଉନ୍ନତି ଲାଗି ସମସ୍ତ ପ୍ରକାର ଆଗୁଆ ମଞ୍ଜୁରୀ ମିଳିପାରୁଛି । ଏଥିଯୋଗୁଁ  ସେହି ପ୍ରକଳ୍ପ କାର୍ଯ୍ୟକାରୀ ନେଇ ଉପୁଜୁଥିବା ଆଶଙ୍କା ବହୁମାତ୍ରାରେ ହ୍ରାସ ପାଉଛି ବୋଲି ଶ୍ରୀ ଗଡକରୀ କହିଛନ୍ତି । ଅନେକ ପଦକ୍ଷେପ ଶୁଭାରମ୍ଭ ବେଳେ ନକରାତ୍ମକ ସ୍ଥିତି ଉପୁଜୁଥିବାବେଳ ପରବର୍ତ୍ତୀ ସମୟରେ ନିବେଶକମାନଙ୍କର ଯୋଗଦାନ ସରକାରଙ୍କ ବିଶ୍ୱାସକୁ ଅଧିକ ଦୃଢ଼ିଭୂତ କରିଛି । ବର୍ତ୍ତମାନ ଭିତ୍ତିଭୂମି ବିକାଶ ଦିଗରେ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି । ପ୍ରାୟ ୮ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ବିକାଶ ନେଇ ନିଆଯାଇଥିବା ପଦକ୍ଷେପ ଠିକ୍‌ଭାବେ କାର୍ଯ୍ୟକାରୀ ହେଲେ ଦେଶର ଅର୍ଥନୀତିକୁ ଏହା ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ଗଡକରୀ କହିଛନ୍ତି ।

ସୂଚନାଯୋଗ୍ୟ ଏନ୍‌ଏଚ୍‌ଆଇ ପ୍ରାୟୋଜିତ ରାଜମାର୍ଗ ଇନ୍‌ଫ୍ରା ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ ଜାତୀୟ ରାଜପଥ ସମ୍ପତ୍ତିକୁ ତ୍ୱରାନ୍ୱିତ କରିବା ଲାଗି ପ୍ରସ୍ତୁତ ହୋଇଥିବାବେଳେ ଏହା ଉଚ୍ଚଗୁଣବତ୍ତା ଏବଂ ଖୁଚୁରା ଓ ଘରୋଇ ନିବେଶକମାନଙ୍କ ପାଇଁ ଦୀର୍ଘମିଆଦି ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି କରିବ । ଜାତୀୟ ରାଜପଥ କ୍ଷେତ୍ରରେ ସରକାରୀ ଭାଗିଦାରୀତାକୁ ବ୍ୟାପକ କରିବା ଲାଗି ଏହି ପଦକ୍ଷେପ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।